ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏସ୍‌ଟି /ଏସ୍‌ସି କର୍ମଚାରୀ ସଂଘ ସମସ୍ୟା ନେଇ ରାଜ୍ୟପାଳଙ୍କୁ ସାକ୍ଷାତ

ସମ୍ବଲପୁର, (ହି.ସ.) - ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏସଟି /ଏସସି କର୍ମଚାରୀ ସଂଘର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ରାଜଭବନ ଠାରେ କେନ୍ଦ୍ର ସାମାଜିକ ନ୍ୟାୟ ତଥା ସଶକ୍ତିକରଣ ମନ୍ତ୍ରୀ ରାମଦାସ ଆଥଓ୍ୱାଲେ ଓ ମହାମହିମ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ସମୟରେ କର୍ମଚାରୀ ସଂଘ ପକ୍ଷରୁ ସଭାପତି ନିହାଲ ସିଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ବେକ୍‌ଲକ୍, ଏସଟି ଏସସି ପଦୋନ୍ନତି ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଶେଷ କରି କିଭଳି ଓଡ଼ିଶାରେ ଦଳିତ, ଆଦିବାସୀ, ପଛୁଆବର୍ଗ, ଅଳ୍ପସଂଖ୍ୟକ ଡକ୍ଟର ବିଆର ଆମ୍ବେଦକରଙ୍କ ଦେଇଥିବା ସାମ୍ବିଧାନିକ ଯୋଜନାର ସୁଫଳ ପାଇପାରିବେ ଓ ଏସସି ଏସଟି ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ କିପରି ଓଡ଼ିଶା ରାଜ୍ୟ ସରକାର ରୋକି ପାରିବେ ସେନେଇ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବାକୁ ଅନୁରୋଧ କରିଥିଲେ। ଏହି ସାକ୍ଷାତ ସମୟରେ ଆରପିଆଇ ରାଜ୍ୟ ସଭାପତି ଶେଖ୍ ଅବଦୁଲଓ୍ୱାଲିଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ରହିଥିଲେ।

ସାପ କାମୁଡାରେ ନାବାଳିକାର ମୃତ୍ୟୁ

ଜୟପୁର, (ହି.ସ.)- ସାପ କାମୁଡାରେ ଜଣେ ନାବାଳିକାର ମୃତ୍ୟୁ ହୋଇଛି । ମୃତ ନାବାଳିକା ଜଣକ ହେଲେ ପଲକାପୁଟ ଗ୍ରାମର ଅନିତା ହରିଜନ (୧୩) । ସୂଚନା ଅନୁଯାଇ ପଲାକପୁଟ ଗ୍ରାମର ଘରେ ଅନିତା ଶୋଇଥିବା ବେଳେ ପ୍ରାୟ ରାତ୍ର ୨ଟା ସମୟରେ ସାପ କାମୁଡିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ସଦର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

ଜିଲ୍ଲାରେ ସୁଭଦ୍ରା ଯୋଜନାର ସୁପରିଚାଳନା ପାଇଁ ନୋଡ଼ାଲ ଅଧିକାରୀଙ୍କ ବିଭିନ୍ନ ଅଞ୍ଚଳ ଗସ୍ତ

ସୁନ୍ଦରଗଡ଼,(ପିପିଏସ୍): ସରକାରଙ୍କ ଅଭିନବ ପ୍ରୟାସ ସୁଭଦ୍ରା ଯୋଜନା । ଜିଲ୍ଲାରେ ଏହି ଯୋଜନାର ସଫଳ ରୂପାୟନ ନିମନ୍ତେ ସୁଭଦ୍ରା ନିମନ୍ତେ ନିଯୁକ୍ତ ଥିବା ନୋଡାଲ ଅଧିକାରୀ ମାନଙ୍କ ଦ୍ୱାରା ଦୈନିକ ତଦାରଖ ଏବଂ ନିରୀକ୍ଷଣ ପ୍ରକ୍ରିୟା ଚାଲିଅଛି । ଏହି ପରିପ୍ରେକ୍ଷୀରେ ସଦର ବ୍ଲକ ଏବଂ ସୁନ୍ଦରଗଡ଼ ପୌରାଞ୍ଚଳ ପାଇଁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବି ନାରାୟଣ ସାହୁ, ବାଲିଶଙ୍କରା ବ୍ଲକ ପାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ବଡ଼ଗାଁ ବ୍ଲକ ପାଇଁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ଦୁଃଖବନ୍ଧୁ ନାୟକ, ହେମଗିର ବ୍ଲକ ପାଇଁ ଜିଲ୍ଲା ପ୍ରକଳ୍ପ ପରିଚାଳକ, ଓଡ଼ିଶା ଜୀବିକା ମିଶନ ସାମୁଏଲ ଟପ୍ପ, ସବଡେଗା ବ୍ଲକ ପାଇଁ ଓର୍‌ମାସର ଉପ - ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ କେଶବ ଝା , ଟାଙ୍ଗରପାଲି ଓ ଲେଫ୍ରୀପଡ଼ା ବ୍ଲକ ପାଇଁ ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ବିଶ୍ରା ଓ ଲାଠିକଟା ବ୍ଲକ ପାଇଁ ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ, ବଣାଇ ଓ କୋଇଡା ବ୍ଲକ ପାଇଁ ଉପଜିଲ୍ଲାପାଳ ବଣାଇ ଅକ୍ଷୟ ପିଲ୍ଲେ, ରାଜଗାଙ୍ଗପୁର ବ୍ଲକ ଏବଂ ପୌରାଞ୍ଚଳ ପାଇଁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କ୍ରୀଷ୍ଟା କୁମାରୀ ନନ୍ଦ, ଗୁରୁଣ୍ଡିଆ ବ୍ଲକ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, କୁଆଁରମୁଣ୍ଡା ଏବଂ ବୀରମିତ୍ରପୁର ପୌରାଞ୍ଚଳ ପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ପବିତ୍ର ମୋହନ ପ୍ରଧାନ, କୁତ୍ରା ବ୍ଲକ ପାଇଁ ପିଏଆଇଟିଡିଏ ସୁନ୍ଦରଗଡ଼, ନୂଆଗାଁ ବ୍ଲକ ପାଇଁ ପିଏଆଇଟିଡିଏ ପାନପୋଷ, ଲହୁଣୀପଡ଼ା ବ୍ଲକ ପାଇଁ ପିଏଆଇଟିଡିଏ ବଣାଇ ଏବଂ ରାଉରକେଲା ମହାନଗର ନିଗମ ଅଞ୍ଚଳ ପାଇଁ ଡେପୁଟି କମିଶନର , ରାଉରକେଲା ମହାନଗର ନିଗମଙ୍କୁ ନୋଡାଲ ଅଧିକାରୀ ଭାବେ ନିୟୋଜିତ କରା ଯାଇଅଛି । ସମସ୍ତ ନୋଡାଲ ଅଧିକାରୀ ମାନେ ନିଜ ନିଜ ପ୍ରଦତ୍ତ ଅଞ୍ଚଳ ଗୁଡ଼ିକ ନିୟମିତ ଭାବେ ପରିଦର୍ଶନ କରୁଛନ୍ତି । ସେହିପରି ମୋ ସେବା କେନ୍ଦ୍ର ଓ ଜନ ସେବା କେନ୍ଦ୍ର ପରିଦର୍ଶନ କରି ଫର୍ମ ପୂରଣ ପ୍ରକ୍ରିୟା, ଡିଜିଟାଇଜେସନ ଆଦି ନିରୀକ୍ଷଣ କରିବା ସହିତ ହିତାଧିକାରୀ ମାନଙ୍କ ସହିତ ଯୋଜନା ସମ୍ପର୍କିତ ଆଲୋଚନା ମଧ୍ୟ କରୁଛନ୍ତି ଏବଂ ଜିଲ୍ଲା ରେ ସୁଭଦ୍ରା ଯୋଜନା ର ସଫଳ କାର୍ଯ୍ୟକାରିତା ନେଇ ତଦାରଖ କରୁଛନ୍ତି ।

ଡକାୟତି ଯୋଜନା ପଣ୍ଡ : ୩ ଗିରଫ

ରାୟଗଡ଼ା(ହି.ସ): ଜିଲ୍ଲାରେ ଚୋରି, ରାହାଜାନୀର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । ତେଣୁ ଏ ନେଇ ତତ୍ପରତା ଦେଖାଉଛି ପୋଲିସ ବିଭାଗ। ସୂଚନା ମୁତାବକ ଗତ ୯ ତାରିଖରେ ବନ୍ଧନ ବ୍ୟାଙ୍କର ମ୍ୟାନେଜର ଭାବେ କାର୍ଯ୍ୟରତ କେ ସିଂହପୁରର ସୁକାନ୍ତ କୁମାର ରଣ ଅର୍ଥ ଆଦାୟ କରିବାକୁ ଆଲୁବାଡି, ତାରା ବାଡି ଗାଁକୁ ଯାଇ ସନ୍ଧ୍ୟା ସମୟରେ ଫେରୁଥିବା ବେଳେ ତାରାବାଡି ନିକଟରେ କିଛି ଦୁର୍ବୃତ୍ତ ପିସ୍ତଲ ଓ ଛୁରି ଦେଖାଇ ତାଙ୍କ ନିକଟରେ ଥିବା ରଣ ଆଦାୟ ଟଙ୍କା ୧ ଲକ୍ଷ ୭୨ ହଜାର ନେଇ ଚାଲି ଯାଇଥିଲେ। ତେଣୁ ଏ ନେଇ ସୁକାନ୍ତ ଚାନ୍ଦିଲି ଥାନାରେ ଏକ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ଚାନ୍ଦିଲି ଥାନା ପକ୍ଷରୁ ଜୋର୍ ସୋରରେ ତଦନ୍ତ ଆରମ୍ଭ ହୋଇଥିଲା। ସୂତ୍ରରୁ ଖବର ପାଇ ଏହି ମାମଲାରେ ସଂପୃକ୍ତ ତିନି ଦୁର୍ବୃତ୍ତ କାଶୀପୁର ଥାନା ଅଞ୍ଚଳର ଟିକରାପଡା ଗ୍ରାମର ଲକ୍ଷ୍ମୀ ନାରାୟଣ ମାଝୀ , ଗୋରଖପୁର ର ଶିବ ଶଙ୍କର ନାଏକ, ବଡ ମାରିଭଟାର କୃଷ୍ଣ ନାଏକ କୁ ଗିରଫ କରିଥିଲା ପୋଲିସ। ସେମାନଙ୍କ ନିକଟରୁ ଏକ ଖେଳନା ପିସ୍ତଲ୍, ଦୁଇଟି ବାଇକ, ୪ଟି ମୋବାଇଲ, ଗୋଟିଏ ଛୁରୀ, ସହ ୯୦ ହଜାର ଟଙ୍କା ଜବତ କରିଛି ।

ଆଇନ୍ ମହାବିଦ୍ୟାଳୟ ଆଲୁମ୍‌ନି ଆସୋସିଏସନ୍‌ର ବୈଠକ

ରାଉରକେଲା(ପିପିଏସ୍) : ରାଉରକେଲା ଆଇନ ମହାବିଦ୍ୟାଳୟ ଆଲୁମନି ଆସୋସିଏସନ୍ ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସୋସିଏସନ୍ ର ସଭାପତି ଡ଼ଃ ସୁମନ ଦତ୍ତଙ୍କ ଅଧକ୍ଷତା ଓ ସାଧାରଣ ସମ୍ପାଦକ ତ୍ରିଲୋକନାଥ ପାଣ୍ଡେଙ୍କ ଆବାହକତ୍ୱ ରେ ଆୟୋଜିତ ଏହି ବୈଠକରେ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ବିଭୁ ରଞ୍ଜନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ଆଇନ ମହାବିଦ୍ୟାଳୟର ୫୦ତମ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆଲୁମ୍‌ନି ମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ଭବତଃ ଏହି କାର୍ଯ୍ୟକ୍ରମ ଚଳିତ ବର୍ଷର ଶେଷ ସପ୍ତାହ କିମ୍ବା ନୂଆବର୍ଷର ପ୍ରଥମ ସପ୍ତାହରେ ପାଳନ କରାଯିବ ବୋଲି ସ୍ଥିର କରାଯାଇଛି। ଏଥିରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ କଟକ ଉଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଯୋଗଦେବାକୁ ଅନୁରୋଧ କରାଯିବ ବୋଲି ସ୍ଥିର କରାଯାଇଛି। ସେହିପରି ବହୁସଂଖ୍ୟାରେ ଆଲୁମ୍‌ନି ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ସଫଳ କରିବା ପାଇଁ ଓ ପରବର୍ତ୍ତୀ ସମୟରେ ଅନ୍ୟଏକ ବୈଠକ କରି ବିସ୍ତୃତ ଆଲୋଚନା ପାଇଁ ସ୍ଥିର କରାଗଲା। ଏହି ବୈଠକରେ ଉପସଭାପତି ବବିତା ମହାପାତ୍ର, କାର୍ଯ୍ୟକାରୀ କମିଟିର ସଦସ୍ୟ ପଶୁପତିନାଥ ଚାଟାର୍ଜୀ, ମନୋରଞ୍ଜନ ଦାଶ, ଆରତୀ ଚୌଧୁରୀ, ଡ଼ଃ ପ୍ରଜ୍ଞା ପରମିତା ପଣ୍ଡା, ସୁଦାମ ଦାଶ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ମୁଖପାତ୍ର କୁଞ୍ଜବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ମୁତାହାଣ୍ଡି ସରପଞ୍ଚଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ

ଅନାସ୍ଥା ପ୍ରସ୍ତାବ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ପ୍ରଶାସନର ଦ୍ୱାରସ୍ଥ

ଜୟପୁର: କୋରାପୁଟ ଜିଲା କୋଟପାଡ ବ୍ଲକର ମୁତାହାଣ୍ଡି ପଞ୍ଚାୟତର ଓ୍ୱାର୍ଡ ମେମ୍ବର ଓ ଗ୍ରାମବାସୀମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଦାବିପତ୍ର ପ୍ରଦାନ କରିଛନ୍ତି । ଉପଜିଲାପାଳ ଆଇଏଏସ ଅକ୍କାବରମ ସସ୍ୟା ରେଡ୍ଡିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ମୁତାହାଣ୍ଡି ପଂଚାୟତର ସରପଂଚ ବିଭିନ୍ନ ଅନିୟମିତତା କାର୍ଯ୍ୟକଳାପରେ ସଂପୃକ୍ତ ଥିବା ପରିଲିକ୍ଷିତ ହୋଇଅଛି । ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ବାବଦକୁ ୪୬ ଜଣ ହିତାଧିକାରି ଙ୍କ ଠାରୁ ୪୮ ଲକ୍ଷ ଟଙ୍କା ଓ ମଧୁବାବୁ, ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀଙ୍କ ଭତା ଟଙ୍କା ହେରଫେର୍ କରି ଆତ୍ମସାତ କରିଛନ୍ତି । ହିରିଶ୍ଚନ୍ଦ୍ର ଯୋଜନା ଅର୍ଥକୁ ମୃତ ବ୍ୟକ୍ତିର ପରିବାର କୁ ନେଦେଇ ଆତ୍ମସାତ କରିବା, କେନ୍ଦ୍ର ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନ ପାଣ୍ଠିକୁ ଦୁରୁପଯୋଗ କରିବା ଆଦି ଦୁର୍ନିତିର ଅଭିଯୋଗ ଉଲ୍ଲେଖ କରାଯାଇଛି । ସରପଂଚଙ୍କ ବିରୁଦ୍ଧରେ ଆଗତ କରାଯାଇଥିବା ଅନସ୍ଥା ପ୍ରସ୍ତାବ ଉପରେ ବିହିତ କାଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାଏବ ସରପଂଚ ସରିତା ସଗରିଆ, ସମିତି ମେମ୍ବର ଗୁରୁ ନାଥ ହରିଜନ ଙ୍କ ସହ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ । ଉକ୍ତ ଦାବି ପତ୍ରର ନକଲ ଜିଲାପାଳଙ୍କୁ ମଧ ପ୍ରଦାନ କରାଯାଇଥିବା ଜଣାଯାଇଛି । ଏନେଇ ଗତ ୨୦ ତାରିଖ ମଧ ଦାବି ପତ୍ର ପ୍ରଦାନ କରାଯାଇଥିଲା । ପ୍ରଶାସନ କିଛି ପଦକ୍ଷେପ ନେଇଥିବାରୁ ଆଜି ପୁଣି ଦାବି ପତ୍ର ପ୍ରଦାନ କରିଛନ୍ତି ।

କନ୍ଧମାଳ ଜିଲ୍ଲା ମିଡିଆ ଫୋରମ୍‌ର ବାର୍ଷିକ ମହୋତ୍ସବ

କନ୍ଧମାଳ: କନ୍ଧମାଳ ଜିଲ୍ଲାର ଅଗ୍ରଣୀ ପଞ୍ଜୀକୃତ ଅନୁଷ୍ଠାନ କନ୍ଧମାଳ ଜିଲ୍ଲା ମିଡିଆ ଫୋରମର ୧୦ ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ମହୋତ୍ସବ ସଭାପତି ଡଃ ସୂର୍ଯ୍ୟ ନାରାୟଣ ବେହେରାଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି କ୍ଷ ସଭାପତି ଶ୍ରୀ ବେହେରା ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗ ଦେଇ କହିଲେ ଯେ ଆହ୍ୱାନକୁ ଆମେ ସହଜରେ ଗ୍ରହଣ କରିବା ପାଇଁ ରାଜି ନାହୁଁ । ସେହିପରି ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦ ଶୁକାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇ କହିଥିଲେ ଯେ, କନ୍ଧମାଳ ଜିଲ୍ଲା ହେଉଛି ଓଡିଶାର କେନ୍ଦ୍ରବିନ୍ଦୁ ଯେପର୍ଯ୍ୟନ୍ତ କନ୍ଧମାଳର ବିକାଶ ନ ହୋଇଛି ସେ ପର୍ଯ୍ୟନ୍ତ ଓଡ଼ିଶାର ବିକାଶ ହୋଇ ନାହିଁ ବୋଲି ଭାବିବାକୁ ହେବ । ମୁଖ୍ୟବକ୍ତା ଭାବେ ଅଧାପକ ବିଶ୍ୱରଞ୍ଜନ ଯୋଗଦେଇ କହିଲେ ଯେ, ବାସୀ ଖବରର ସମ୍ବାଦ ଶେଷ, ସଜ ଖବରର ଯୁଗ ଆରମ୍ଭ ଅର୍ଥାତ ବର୍ତମାନ ଯୁଗ ହେଉଛି ଡିଜିଟାଲ ଯୁଗ ଅଳ୍ପ ସମୟ ମଧ୍ୟରେ ସମଗ୍ର ଜଗତର ବିସ୍ତାରିତ କରିଥାଏ ଖବର । ଗଣମାଧମ ହେଉଛି ଶାସକ ଓ ଶାସିତ ମଧ୍ୟରେ ସେତୁ । ସେହିପରି ବରିଷ୍ଠ ସାମ୍ବାଦିକ ରବି ଦାସ ଯୋଗଦେଇ ସାମ୍ବାଦିକ ମାନେ ଇଚ୍ଛୁକ ଓ ସତ୍ୟ ଉପରେ ଆଧାରିତ ଖବର କୁ ସମ୍ବାଦ ପତ୍ରରେ ସ୍ଥାନ ଦେବା ପାଇଁ । ଏଥିସହିତ ସାମ୍ବାଦିକ ମାନେ ସାମ୍ବାଦିକ ପରିଚୟ ପତ୍ରକୁ ଏଟିଏମ କାର୍ଡ ପରି ବ୍ୟବହାର ନକରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ମହମ୍ମଦ୍ ନାଜି ରକତାର, ମହାଦେବ ସାହୁ, ରବି ଦାସଙ୍କ ସହ ସମସ୍ତ ସାମ୍ବାଦିକ ସଂଘର ସଭାପତି ଓ ସମ୍ପାଦକଙ୍କୁ ମଧ ଫୋରମ୍ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ଶିବ ବିଶ୍ୱାଳ ଫୋରମର ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମିଡିଆ ଫୋରମର ଉପଦେଷ୍ଟା ଗୋପାଳ କୃଷ୍ଣ ପଟ୍ଟନାୟକ, ଅଜିତ ମହାରଣା, ତ୍ରିନାଥ ସାହୁ, ପ୍ରତିଷ୍ଠାତା ରାଧା ମୋହନ ମହାପାତ୍ର, କର୍ମକର୍ତା ଶିବାନନ୍ଦ ପଟ୍ଟନାୟକ, ସୁନୀଲ ପଟ୍ଟନାୟକ, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ସୁନୀଲ ବିଶ୍ୱାଳ, ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ,କୋଷାଧକ୍ଷ ପ୍ରଶାନ୍ତ ପଣ୍ଡା, ସହ ସମ୍ପାଦକ ଶିବ ପ୍ରସାଦ ନାୟକ, ଆଇନ ଉପଦେଷ୍ଟା ସତ୍ୟ ନାରାୟଣ ବେହେରା, ଫିଲି ମୋହନ ନାୟକ, ନାରାୟଣ ସାହୁଙ୍କ ସମେତ ଶତାଧିକ ଗଣମାଧମର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ହଜାରେ ଲିଟର ପୋଚ ଜବତ

ଜୟପୁର, (ହି.ସ.) - ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଅବକାରୀ ଚଢାଉ ହୋଇଛି । ମଦ ମାଫିଆ ମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ପାଇ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢାଉ କରାଯାଇଛି । ଚଢାଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ଘଟଣା ସ୍ଥଳରୁ ୫୦ ଲିଟର ଦେଶୀ ମଦ ଓ ହଜାରେ ଲିଟର ପୋଚ ଜବତ କରି ନଷ୍ଟ କରିଛି । ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି ।

ପଦୋନ୍ନତି ନିୟମରେ ଓଟିଇଟି ବାଧ୍ୟତାମୂଳକକୁ ଶିକ୍ଷକଙ୍କ ବିରୋଧ

ଜୟପୁର: ପ୍ରାଥମିକ ଶିକ୍ଷକ ସଂଘ ଜୟପୁର ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି। ଏକ ଶୋଭାଯାତ୍ରାରେ ଆଜି ଜୟପୁର ଗୋଷ୍ଠି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଂଚି ଦାବିପତ୍ର ପ୍ରଦାନ କରିଥିଲେ। ଗୋଷ୍ଠି ଶିକ୍ଷାଧିକାରି ଚନ୍ଦନ କୁମାର ନାୟକଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ସଂଘ ସଭାପତି ଦେବି ପ୍ରସାଦ ଦାସଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି କ୍ଷେତ୍ରରେ ଓଟିଇଟି ଯୋଗ୍ୟତାକୁ ନେଇ ବିଭ୍ରାନ୍ତି କର ପଦକ୍ଷେପ ନିଆଯାଇଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଓଡ଼ିଶା ପ୍ରାଥମିକ ଶିକ୍ଷକ ପଦୋନ୍ନତି ନିୟମ ୧୯୯୭ ଏବଂ ୨୦୧୯ର କୌଣସି ଧାରା କିମ୍ବା ଉପଧାରାରେ ଓଟିଇଟି ଯୋଗ୍ୟତାକୁ ଭିତିକରି ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତି ଦେବା ଉଲ୍ଲେଖ ନାହିଁ। କିନ୍ତୁ ଓଟିଇଟି ଯାହାକି ସମସ୍ତଙ୍କ ପାଇ ପ୍ରଯୁଜ୍ୟ ନୁହେଁ। ତାହାର ଆଳ ଦେଖାଇ ବିଭାଗୀୟ ଉଚ୍ଚ ପଦ ଅଧିକାରୀଙ୍କ ପଦୋନ୍ନତିରେ ପଥରୋଧ କରିବା କେତେଦୂର ଯୁକ୍ତିଯୁକ୍ତ। ୧୧ ତାରିଖ ପୂର୍ବରୁ ନିଯୁକ୍ତ ସମସ୍ତ ପ୍ରାଥମିକ ଶିକ୍ଷକମାନଙ୍କୁ ଓଟିଇଟି ଲାଗୁ ନକରିବାକୁ ସ୍ପଷ୍ଟିକରଣ ଦିଆଯାଇଛି। କିନ୍ତୁ ଏହି ନିର୍ଦ୍ଦେଶନାମାକୁ ମଧ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଦକ୍ଷତା ଓ ଅଭିଜ୍ଞତାକୁ ନେଇ ଓଡ଼ିଶା ସରକାରଙ୍କ ଅଧିନସ୍ଥ ସମସ୍ତ ବିଭାଗରେ ପଦୋନ୍ନତି ଦିଆଯାଉଥିବାବେଳେ ଓଟିଇଟିକୁ ନେଇ ପଦୋନ୍ନତି ଦେବା ଓ ଚାକିରିରେ ଯୋଗଦେବା ତାରିଖକୁ ବରିଷ୍ଠ ଭାବେ ଗଣାନଯିବା କେତେଦୂର ଯୁକ୍ତଯୁକ୍ତ। କୋରାପୁଟ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ପ୍ରକାଶିତ ଚୂଡ଼ାନ୍ତ ପଦୋନ୍ନତି ତାଲିକାରେ ଅନେକ ତୃଟି ରହିଛି। ଓଟିଇଟିର ଉତିର୍ଣ୍ଣ ତାରିଖକୁ ସରକାରୀ ସେବା କ୍ଷେତ୍ରରେ ବରିଷତା ଭାବେ ବିଚାରକୁ ନିଆଯାଇଛି। ଯାହାକି ବରିଷ୍ଠ ଓ କନିଷ୍ଠ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ସୃଷ୍ଟି କରୁଛି ଏହାକୁ ବିଚାରକୁ ନେବାକୁ ଦାବି କରାଯାଇଛି।

ଟ୍ରକମାଲିକ ସଂଘ ନିର୍ବାଚନ ପ୍ରାର୍ଥୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

କେନ୍ଦୁଝର(ପିପିଏସ୍): କେନ୍ଦୁଝର ଟ୍ରକ ମାଲିକ ସଂଘର ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରାର୍ଥିମାନଙ୍କ ପ୍ରଚାର ଯୋରଦାର ହେବାରେ ଲାଗିଛି।ନିଜ ନିଜର ସମର୍ଥିତ ମାଲିକମାନଙ୍କ ସହ ଆଲୋଚନା ଓ ନିର୍ବାଚନ କୌଶଳ ପ୍ରସ୍ତୁତ ପାଇଁ ପ୍ରାର୍ଥୀମାନେ ବ୍ୟକ୍ତିଗତ କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି।ମାଲିକ ସଂଘର ସାଧାରଣ ସଂପାଦକ ପ୍ରାର୍ଥୀ ସୂର୍ଯ୍ୟନାରାୟଣ କର ସହରସ୍ଥ ଧାଙ୍ଗରପଡା ଠାରେ ନିଜର ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି।ଏହି ଉଦ୍‌ଘାଟନ ଉତ୍ସବରେ ଟ୍ରକ ମାଲିକ ସଂଘର ପୂର୍ବତନ ସଭାପତି ରମାକାନ୍ତ ନାୟକଙ୍କ ସମେତ ଶତାଧିକ ମାଲିକ ଉପସ୍ଥିତଥିଲେ। ଆଗାମୀ ନିର୍ବାଚନରେ ଶ୍ରୀ କରଙ୍କୁ ବିଜୟୀ କରିବାପାଇଁ ତାଙ୍କର ସମର୍ଥକମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସଂଘର ଆଦର୍ଶ ଓ ମାଲିକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ପୂର୍ବପରି ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି ଶ୍ରୀକର ପ୍ରକାଶ କରଥିଲେ।

ଗୁଣ୍ଡୁରିଗୁଡ଼ା ଆଦର୍ଶ ବିଦ୍ୟାଳୟର ନବମ ପ୍ରତିଷ୍ଠା ଉତ୍ସବ ପାଳିତ

ମାଲକାନଗିରି (ପିପିଏସ୍): ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତର ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟ ପରିସରରେ ଏହାର ନବମ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ମହେଶ୍ୱର ସାହୁ ସଭାପତିତ୍ୱ କରିଥିଲାବେଳେ ,ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାଶଙ୍କର କୋୟା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କୁଡୁମୁଲୁଗୁମ୍ମା ତହସିଲଦାର ଟିକୁନୁ ପୁଟ୍ଟା ମୁଖ୍ୟ ଅତିଥି ଓ କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢୀ ଓ ବରିଷ୍ଠ ଅଧ୍ୟାପକ ପପୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜଗନ୍ନାଥ ଠାକୁରଙ୍କ ତୈଳଚିତ୍ର ରେ ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରାଗଲା, ପରେ ପରେ ସମବେତ କଣ୍ଠରେ ଛାତ୍ରଛାତ୍ରୀ ମାନେ ଆଦର୍ଶ ବିଦ୍ୟାଳୟର ସଙ୍ଗୀତ ଗାନ କରାଯାଇଥିଲା । ପ୍ରଥମେ ବିଦ୍ୟାଳୟ ର ଅଧକ୍ଷ ଶ୍ରୀ ସାହୁ ବାର୍ଷିକ ବିବରଣୀ ପଠନ ଓ ସାମୟିକ ସମସ୍ୟା ଉପସ୍ଥାପନା କରିବା ସହ ଏହାର ନିରାକରଣ ନିମିତ୍ତ ଅନୁରୋଧ କରିଥିଲେ । ମୁଖ୍ୟ ବକ୍ତା ଶ୍ରୀ ପୁଟ୍ଟା ଛାତ୍ରଛାତ୍ରୀ ମାନଙ୍କୁ ଆହୁରି କଠିନ ଅଧବସାୟ କରିବା ସହ ଉତ୍ତମ ଚରିତ୍ର ଗଠନ ନିମନ୍ତେ ଆହ୍ୱାନ କରିଥିଲେ । ଅପରାହ୍ନ କାର୍ଯ୍ୟକ୍ରମ ର ଉଦଯାପନୀ ଉତ୍ସବ ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା ଓ ଏହି ସମୟରେ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନୀ ଓ ଡାରଉଇନ୍ ଡିଗ୍ରୀ ମହାବିଦ୍ୟାଳୟ ର ଅଧକ୍ଷ ଅଶୋକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଓ ସର୍ବଶେଷରେ ବିଦ୍ୟାଳୟ ଆନୁକୂଲ୍ୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରିଆଜିର ଏହି ପ୍ରତିଷ୍ଠା ଉତ୍ସବ କୁ ସଫଳତାର ସହ ଆୟୋଜିତ କରିଥିଲେ ।

ଅତା ବୈତରଣୀ ନୋଡାଲ ଉପ୍ରା ବିଦ୍ୟାଳୟର ପିଟିଏ ବୈଠକ

ଘଟଗାଁ,(ହି.ସ.) : ଅତା ବୈତରଣୀ ନୋଡାଲ ଉପ୍ରା ବିଦ୍ୟାଳୟର ପିଟିଏ ମିଟିଙ୍ଗ ଅନୁଷ୍ଠିତ ହୋଇଯାଇଛି। ଘସିପୁରା ବ୍ଲକ ଅନ୍ତର୍ଗତ ବାତୋ ପଂଚାୟତର ଅତା ବୈତରଣୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଶିକ୍ଷକ ଓ ଅଭିଭାବକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠିକରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରିବା ପାଇଁ ୧୨ ଜଣ ସଭ୍ୟ ସଭ୍ୟା ଅଭିଭାବକ ଙ୍କ ନାମ ଚୟନ କରାଯାଇଛି। ଆସନ୍ତା ସପ୍ତାହରେ ଏହି ଅଭିଭାବକଙ୍କ ମଧ୍ୟରୁ ସଭାପତି ଓ ଉପସଭାପତି ଚୟନ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଛି। ଉକ୍ତ ବୈଠକରେ ପର୍ଯ୍ୟବେକ୍ଷକ ଭାବେ ଘସିପୁରା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଭିଷ୍ଣତୀ ମନ୍ଦିରୀ ମହାନ୍ତ, ବାତେ ଆଂଚଳିକ ସାଧାନ କେନ୍ଦ୍ରର ସଂଯୋଜକ ପ୍ରଦ୍ୟୁମ୍ନ କୁମାର ବାରିକ, ହିଙ୍ଗୁଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭଗବାନ ରାଉତ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କଳାକାର ଯେନା, ଶିକ୍ଷୟତ୍ରୀ ଝୁନୁବାଳା ମିଶ୍ର, ଶିକ୍ଷକ ପିତବାସ ନାୟକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର କାର୍ଯ୍ୟ ନିର୍ବାହ କରିଥିବା ବେଳେ ୫୦ ରୁ ଉର୍ଦ୍ଧ୍ୱ ଅଭିଭାବକ ଓ ଅଭିଭାବିକା ଉପସ୍ଥିତ ଥିଲେ। ଏସଂପର୍କରେ ବାତେ ଆଂଚଳିକ ସାଧାନ କେନ୍ଦ୍ରର ସଂଯୋଜକ ପ୍ରଦ୍ୟୁମ୍ନ କୁମାର ବାରିକଙ୍କୁ ପଚାରିବାରୁ ଗ୍ରାମବାସୀମାନେ ୧୨ଜଣଙ୍କ ନାମ ଚୟନ କରିଛନ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅନୁମୋଦନ ପରେ କାର୍ଯ୍ୟ କାରି ହେବ ବୋଲି ପ୍ରକାଶ କରିଛନ୍ତି ।

MCL ମହାନଦୀ କୋଲ୍‌ଫିଲଡସ୍ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍ ଏକ ସହାୟକ କମ୍ପାନୀ)
www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5221